# ଜିଏମ୍‌ବି ସେରାମିକ୍ସ ଲିମିଟେଡ

**ସିଆଇଏନ୍ : ଏଲ୍ ୨୬୯୩୩ଓଆର୍୧୯୮୨ପିଏଲ୍‌ସି ୦୦୧୦୪୯**
ରେଜିଷ୍ଟରଡ୍ ଅଫିସ୍ : ରାଜଗାଙ୍ଗପୁର-୭୦୦୧୭, ଜିଲ୍ଲା. ସୁନ୍ଦରଗଡ଼, ଓଡ଼ିଶା
ଟେଲିଫୋନ୍ ନମ୍ବର : ୦୬୬ ୨୪୨୨୦୬୦୯ :
e-mail : admin@gmbceramics.com
website : www.gmbceramics.com

**୩୫ତମ ସାଧାରଣ ପରିଷଦ ବୈଠକ ଏବଂ ରିମୋଟ୍ ଇ-ଭୋଟିଂ ସୂଚନା**
**ଏତଦ୍‌ଦ୍ୱାରା ନୋଟିସ୍‌ରେ ସୂଚିତ କରାଯାଉଛି**

**୧.** କମ୍ପାନୀର ସଦସ୍ୟମାନଙ୍କ ୩୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଶନିବାର, ୨୩ ସେପ୍ଟେମ୍ବର ୨୦୧୭ ପୂର୍ବାହ୍ନ ୧୧ଟା ସମୟରେ ରାଜଗାଙ୍ଗପୁର, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା-୭୭୦୦୧୭ ଠାରେ ଅନୁଷ୍ଠିତ ହେବ। ୧୭ ଅଗଷ୍ଟ, ୨୦୧୭ରେ ଜାରି ନୋଟିସ୍‌ରେ ପୂର୍ବରୁ ନିର୍ଦ୍ଧାରିତ ବ୍ୟବସାୟିକ କାରବାର ପାଇଁ ଏହି ବୈଠକ ଆୟୋଜନ କରାଯିବ।

**୨.** ଯେଉଁମାନେ ନିଜ ଇ ମେଲ୍ ଆଇଡି ପଞ୍ଜିକୃତ କରିଛନ୍ତି କମ୍ପାନୀ ସେସମସ୍ତ ସଦସ୍ୟଙ୍କ ନିକଟକୁ ଇଲେକ୍‌ଟ୍ରୋନିକ୍ ମୋଡ୍ ଯୋଗେ ଏଜିଏମ୍‌ର ଆୟୋଜନ ନୋଟିସ୍ ଏବଂ ବାର୍ଷିକ ରିପୋର୍ଟ ପଠାଇଦିଆଯାଇଛି । ଅନ୍ୟ ସଦସ୍ୟ ଯେଉଁମାନେ ନିଜର ଇ-ମେଲ ଆଇଡି ପଞ୍ଜୀକରଣ କରିନାହାନ୍ତି, ବାର୍ଷିକ ସାଧାରଣ ବୈଠକର ନୋଟିସ ଏବଂ ୨୦୧୬-୧୭ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟ ସେମାନଙ୍କ ପଞ୍ଜିକୃତ ଠିକଣାରେ ଅନୁମତିପ୍ରାପ୍ତ ପ୍ରଣାଳୀରେ ପଠାଇଦିଆଯାଇଛି । କମ୍ପାନୀର ୱେବ୍‌ସାଇଟ୍ www.gmbceramics.comରେ ଏଜିଏମ୍ ନୋଟିସ୍ ଏବଂ ବାର୍ଷିକ ରିପୋର୍ଟ ଉପଲବ୍ଧ ଅଛି । ବାର୍ଷିକ ରିପୋର୍ଟ ସହିତ ଏଜିଏମ୍‌ର ପ୍ରେରଣ ନୋଟିସ ପଠାଇବା କାର୍ଯ୍ୟ ୦୧.୦୯.୧୭ ସୁଦ୍ଧା ଶେଷ କରି ଦେଇଛି ।

**୩.** କମ୍ପାନୀ ଆଇନ, ୨୦୧୩, କମ୍ପାନିଜ୍ (ପରିଚାଳନା ଏବଂ ପ୍ରଶାସନ)ନିୟମ, ୨୦୧୫ ଏବଂ ସେବି (ଆଇନଗତ ବାଧ୍ୟତା ତାଲିକାଭୁକ୍ତ କରିବା ଏବଂ ଉନ୍ମୋଚନର ଆବଶ୍ୟକତା) ନିୟମାବଳୀ, ୨୦୧୫ ଅନୁଯାୟୀ କମ୍ପାନୀ ପ୍ରସନ୍ନତା ପୂର୍ବକ ଏଜିଏମ୍‌ରେ କାରବାର ହେବାକୁ ଥିବା ବ୍ୟବସାୟ ଉଦ୍ଦେଶ୍ୟରେ ଏହାର ସଦସ୍ୟମାନଙ୍କୁ ଇଲେକ୍‌ଟ୍ରୋନିକ୍ସ ମାଧ୍ୟମରେ ଯାହାକି ରିମୋଟ୍ ଇ-ଭୋଟିଂ ଜରିଆରେ ସେମାନଙ୍କ ଭୋଟ୍ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ଦେଉଛି ।

ସମସ୍ତ ସଦସ୍ୟମାନଙ୍କୁ ଏହା ସୂଚିତ କରାଯାଉଛି ଯେ :

i. ଏଜିଏମ୍ ନୋଟିସରେ ଦିଆଯାଇଥିବା ସମସ୍ତ କାରବାର ଇଲେକ୍‌ଟ୍ରୋନିକ୍ସ ମୋଡରେ କରାଯାଇପାରିବ। ଏଜିଏମ୍ ନୋଟିସରେ ଇଲେକଟ୍ରୋନିକ୍ସ ମାଧ୍ୟମରେ ଭୋଟିଂର ପଦ୍ଧତି ସୂଚିତ କରାଯାଇଛି।

ii. ରିମୋଟ୍ ଇ-ଭୋଟିଂ (ବୁଧବାର) ୨୦ ସେପ୍ଟେମ୍ବର, ୨୦୧୭(ପୂର୍ବାହ୍ନ ୦୯.୦୦) ଠାରୁ ଆରମ୍ଭ ହେବ ଏବଂ (ଶୁକ୍ରବାର) ୨୨ ସେପ୍ଟେମ୍ବର ୨୦୧୭ (ଅପରାହ୍ନ ୫.୦୦)ରେ ଶେଷ ହେବ ।

iii. ଇଲେକ୍‌ଟ୍ରୋନିକ୍ସ ମାଧ୍ୟମରେ ଏବଂ ଏଜିଏମ୍ ଠାରେ ଭୋଟଦାନର ଯୋଗ୍ୟତା ବିବେଚନା କରିବାର କଟଅଫ୍ ତାରିଖ ହେଉଛି ଶନିବାର, ୧୬ ସେପ୍ଟେମ୍ବର, ୨୦୧୭।

iv. ଶୁକ୍ରବାର, ୨୨ ସେପ୍ଟେମ୍ବର ୨୦୧୭ ଭାରତୀୟ ସମୟ ଅପରାହ୍ନ ୫ଟା ପରେ ଇଲେକ୍‌ଟ୍ରୋନିକ୍ସ ମୋଡରେ ଭୋଟ ଦାନ ଗ୍ରହଣଯୋଗ୍ୟ ହେବ ନାହିଁ ।

v. ଏଜିଏମ୍ ନୋଟିସ ପଠାସରିବା ପରେ ଯଦି କୌଣସି ବ୍ୟକ୍ତି କମ୍ପାନୀର ଅଂଶଧନ ହାସଲ କରିଛନ୍ତି ଏବଂ କମ୍ପାନୀର ସଦସ୍ୟ ହୋଇଛନ୍ତି ଏବଂ କଟ୍‌ଅଫ୍ ତାରିଖ, ଯାହା ଶନିବାର, ୧୬ ସେପ୍ଟେମ୍ବର, ୨୦୧୭, ସୁଦ୍ଧା ଅଂଶଧନ ହାସଲ କରିସାରିଛନ୍ତି, ତା'ହେଲେ ସେ helpdesk.evoting@nsdl.comକୁ କିମ୍ବା admin@gmbceramics.comକୁ ଅନୁରୋଧ ପଠାଇ ଲଗ୍‌ଇନ୍ ଆଇଡି ଏବଂ ପାସୱାର୍ଡ ହାସଲ କରିପାରିବେ ।

vi. ସଦସ୍ୟମାନେ ଏହା ଜାଣି ରଖିବା ଉଚିତ୍ ଯେ :

୧. ଏଜିଏମ୍ ସ୍ଥଳରେ ହିଁ ବାଲଟ/ପୁଲିଂ ପେପର ମାଧ୍ୟମରେ ଭୋଟ୍‌ଦାନର ସୁବିଧା ମିଳିବ ।

୨. ଏଜିଏମ୍ ପୂର୍ବରୁ ରିମୋଟ୍ ଇ-ଭୋଟିଂ ମାଧ୍ୟମରେ ଭୋଟଦାନ ଅଧିକାର ସାବ୍ୟସ୍ତ କରିସାରିବା ପରେ ଜଣେ ସଦସ୍ୟ ଚାହିଁଲେ ଏଜିଏମ୍‌ରେ ଭାଗ ନେଇପାରିବେ, କିନ୍ତୁ ଏଜିଏମ୍‌ରେ ଆଉ ଥରେ ଭୋଟ୍ ଦେବାର ଅନୁମତି ପାଇବେ ନାହିଁ ।

୩. କଟ୍‌ଅଫ୍ ତାରିଖ ସୁଦ୍ଧା କେବଳ ସଦସ୍ୟ ରେଜିଷ୍ଟର କିମ୍ବା ଜିମାଦାରମାନଙ୍କ ଦ୍ୱାରା ତଦାରଖ କରାଯାଉଥିବା ଲାଭଧାରୀ ରେଜିଷ୍ଟରରେ ପଞ୍ଜିକୃତ ହୋଇଥିବା ଜଣେ ବ୍ୟକ୍ତି ରିମୋଟ୍ ଇ-ଭୋଟିଂ କିମ୍ବା ଏଜିଏମ୍‌ରେ ବାଲ୍‌ଟ୍ ପେପର ମାଧ୍ୟମରେ ଭୋଟଦାନ ଅଧିକାର ପାଇପାରିବେ।

vii. ଇ-ଭୋଟିଂ ସମ୍ପର୍କରେ କୌଣସି ପ୍ରଶ୍ନ କିମ୍ବା ସମସ୍ୟା ଥିଲେ ଆପଣ www.evoting.nsdl.comର ସହାୟତା ସେକ୍ସନରେ ଉପଲବ୍ଧ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (ଏଫ୍‌ଏକ୍ୟୁ) ଏବଂ ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଇ-ଭୋଟିଂ ବ୍ୟବହାରକାରୀ ପୁସ୍ତିକା ଦେଖିପାରିବେ କିମ୍ବା helpdesk.evoting@nsdl.comକୁ ଇମେଲ୍ କରି କିମ୍ବା ବିକଳ୍ପ ଭାବେ, ସଦସ୍ୟମାନେ ମି. ରାମ କୁମାରଙ୍କୁ admin@gmbceramics.comକୁ ଇମେଲ୍ କରିପାରିବେ ।

**ଜିଏମ୍‌ବି ସେରାମିକ୍ସ ଲିମିଟେଡ୍ ପାଇଁ**
ସ୍ୱା/-

**ସ୍ଥାନ : ରାଜଗାଙ୍ଗପୁର**
**ତାରିଖ : ୧୮.୦୯.୨୦୧୭**

**ଗୌରଙ୍ଗ ଜାଲାନ୍**
ପରିଚାଳନା ନିର୍ଦ୍ଦେଶକ